


# ଡବ୍ଲ୍ୟୁଓଡିସିର ୬୧ତମ ବୈଠକ ଅନୁଷ୍ଠିତ

## ସୁପାରିସ କରାଯାଇଥିବା ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୧୦।୪(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ୬୧ତମ ବୈଠକ ଏହାର ଅଧ୍ୟକ୍ଷ ଅସୀତ୍ ତ୍ରିପାଠୀଙ୍କ ପୌରୋହିତ୍ୟରେ ଭୁବନେଶ୍ୱର ସ୍ଥିତ ରାଜୀବ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ପରିଷଦର ଅନୁଦାନପ୍ରାପ୍ତ ପ୍ରକଳ୍ପର କାର୍ଯ୍ୟକାରିତା, ଜନସାଧାରଣଙ୍କ ବ୍ୟବହାର ପାଇଁ ପ୍ରକଳ୍ପର ଉପଯୋଗ, ଅଡିଟୋରିୟମ୍, ପର୍ଯ୍ୟଟନ ସମ୍ବନ୍ଧୀୟ କାର୍ଯ୍ୟକଳାପ ସମେତ ଜୀବିକା ପ୍ରକଳ୍ପ ଭଳି ବୃହତ୍ ତଥା ଦୃଶ୍ୟମାନ ପ୍ରକଳ୍ପର ନିର୍ମାଣ, ସାମଗ୍ରିକ ରୂପାନ୍ତର ଏବଂ ସ୍ୱଚ୍ଛତା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ପରିଷଦର ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର ବୈଠକରେ ଆଲୋଚନା ପାଇଁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା କଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ

## ସରଗିତଳିଆରେ ଶିଶୁ ଅପପୁଷ୍ଟି ଶିକାର ଘଟଣା

ଯୋଡ଼ା,୧୦।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୩ନଂ. ୱାର୍ଡର ସରଗିତଳିଆରେ ଶିଶୁ ଅପପୁଷ୍ଟିର ଶିକାର ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ରବିବାର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଅନୁଧ୍ୟାନ କରି ଫେରିଥିବା ବେଳେ ସୋମବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ କର୍ମଚାରୀ ପହଞ୍ଚି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଦୁର୍ବଳ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଦେବାକୁ ଅଙ୍ଗନୱାଡି କର୍ମୀଙ୍କୁ ସିଡିପିଓ ନିର୍ଦ୍ଦେଶ ଦେଇଛନ୍ତି।



ଅଙ୍ଗନୱାଡି କର୍ମୀ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ କର୍ମଚାରୀ।

ସୂଚନା ଅନୁଯାୟୀ, ସୋମବାର ଯୋଡ଼ା ପୌରପାଳିକା ସିଡିପିଓ ମାନସୀ ବେହେରା, ଅଙ୍ଗନୱାଡି କର୍ମୀ ଚୂଡ଼ାମଣି ବାରିକ, ପଦ୍ମାବତୀ ମହାକୁଡ଼, କର୍ମଚାରୀ ପାଟମୁଣ୍ଡା, ମିନତି ବେହେରା, ନିରଞ୍ଜନା ବେହେରା, ମୀନାକ୍ଷୀ ପଲେଇ, ଆଶାକର୍ମୀ ଶାନ୍ତିଲତା ପାତ୍ର ପ୍ରମୁଖ ଉକ୍ତ ଅଞ୍ଚଳରେ ପହଞ୍ଚି ଅପପୁଷ୍ଟିର ଶିକାର ଶିଶୁଙ୍କୁ ଚିହ୍ନଟ କରିଥିଲେ। ଟିମ୍‌ର ସର୍ଭେ ଅନୁଯାୟୀ, ଏଠାରେ ୩ଟି ସାହିରେ ୪୧ ଘର ଓ ଲୋକସଂଖ୍ୟା ରହିଛି ୨୨୩। ସମୁଦାୟ ୨୯ ଜଣ ଶିଶୁ ରହୁଥିବା ବେଳେ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ୧୨ ଶିଶୁ ଏବଂ ୩ ବର୍ଷରୁ ୬ବର୍ଷ ପର୍ଯ୍ୟନ୍ତ ୧୭ ଜଣ ଶିଶୁ ଅଛନ୍ତି। ସରଗିତଳିଆରୁ ପ୍ରାୟ ୩ କି.ମି. ଦୂରରେ ଖୁଣ୍ଟପାଣିଠାରେ ଅଙ୍ଗନୱାଡି କେନ୍ଦ୍ର ରହିଥିବାରୁ ଶିଶୁମାନେ କେନ୍ଦ୍ରରୁ ମିଳୁଥିବା ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ଖାଦ୍ୟାଭାବରୁ ଅଧିକାଂଶ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଦୁର୍ବଳ ଥିବା ସିଡିପିଓ ବେହେରା ଜାଣିବାକୁ ପାଇଥିଲେ। ୨୯ ଜଣ ଶିଶୁଙ୍କ ମଧ୍ୟରୁ ୨ଜଣ ଶିଶୁଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଦୁର୍ବଳ ଥିବାରୁ ନିୟମିତ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଣେ ୬ ବର୍ଷର ଶିଶୁଙ୍କୁ ପାଠପଢ଼ା ନିମନ୍ତେ ଅନ୍ୟତ୍ର ଆଶ୍ରମ ସ୍କୁଲରେ ଥଇଥାନ କରିବା ପାଇଁ ଯୋଡ଼ା ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଜଣାଇବେ ବୋଲି ସେ ପ୍ରକାଶ କରିଛନ୍ତି। ସରଗିତଳିଆରେ ରହୁଥିବା ଶିଶୁମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଚିନ୍ତାଜନକ ରହିଛି। ଏ ନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପର୍ଯ୍ୟାୟକ୍ରମେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ସହିତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ସିଡିପିଓ କହିଛନ୍ତି।

ଅନ୍ୟପକ୍ଷେ କେନ୍ଦୁଝର ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଅର୍ଥରେ ଶିଶୁମାନଙ୍କ ପାଇଁ 'ଆମ କଳିକା' ନାମକ ଏକ କ୍ରେଚ୍ ଆରମ୍ଭ ହୋଇଥିଲା। ଏହାର ନିଜସ୍ୱ ଗୃହ ନ ଥିବା ବେଳେ ଆଦିବାସୀ ଲୋକଙ୍କ ମଧ୍ୟରେ ସଚେତନତା କରାଯାଉ ନ ଥିବାରୁ ସେମାନେ ଏଠାକୁ ଶିଶୁମାନଙ୍କୁ ଛାଡୁନାହାନ୍ତି। ଏଥିସହ ଦୀର୍ଘବର୍ଷ ହେବ ଏଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଦାବି କରାଯାଉଥିଲେ ମଧ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏହାର ଅନୁମୋଦନ ଦେଇ ନ ଥିବା ଦେଖିବାକୁ ମିଳିଛି।

# ପୁଣି ଡରାଇଲା କରୋନା: ମାସେ ଭିତରେ ପିକ୍

## ରାଜ୍ୟରେ ଆରମ୍ଭ ହେଲା ଦୁଇଦିନିଆ ମକ୍‌ଡ୍ରିଲ୍



- ୫ ସୂତ୍ରକୁ ନେଇ କୋଭିଡ୍ ମୁକାବିଲା ପ୍ରସ୍ତୁତି
- ନୂଆ ଭାରିଆଣ୍ଟ ପାଇଁ ଦେଶରେ ସଂକ୍ରମଣ ବଢୁଛି
- ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ

ଭୁବନେଶ୍ୱର, ୧୦।୪ (ବ୍ୟୁରୋ)

ରାଜ୍ୟରେ ପୁଣି କରୋନା ସଂକ୍ରମଣ ମୁଣ୍ଡ ଟେକିଲାଣି। ଏଭଳି ସ୍ଥିତି ଲାଗି ରହିଲେ ମାସେ ଭିତରେ ପିକ୍ ଆସିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଅନ୍ୟ ରାଜ୍ୟଗୁଡିକ ତୁଳନାରେ ଏବେ ଓଡ଼ିଶାର ସ୍ଥିତି ଭଲ ରହିଛି। ତଥାପି ଆମକୁ ସତର୍କ ରହିବାକୁ ପଡିବ ବୋଲି କୁହାଯାଇଛି। ଅପରପକ୍ଷେ କରୋନା ମୁକାବିଲା ପାଇଁ କେନ୍ଦ୍ର ଆଡ୍‌ଭାଇଜରି ଅନୁଯାୟୀ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି। ସୋମବାର ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲରେ ମକ୍‌ଡ୍ରିଲ ଆରମ୍ଭ ହୋଇଛି। ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲଠାରୁ ଆରମ୍ଭ କରି ଏସ୍‌ସିବି ଓ ଅନ୍ୟ ମେଡିକାଲରେ ମକ୍‌ଡ୍ରିଲ ହୋଇଥିଲା। ମଙ୍ଗଳବାର ମଧ୍ୟ ମକ୍‌ଡ୍ରିଲ ଜାରି ରହିବ ଏବଂ ସନ୍ଧ୍ୟା ସୁଦ୍ଧା ରାଜ୍ୟର ମେଡିକାଲଗୁଡିକ କେତେ ପ୍ରସ୍ତୁତ ରହିଛି, ତାହାର ରିପୋର୍ଟ ଜଣାପଡିବ। ବର୍ତ୍ତମାନ ରାଜ୍ୟରେ ୬୨୯ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ମକ୍‌ଡ୍ରିଲ ଆରମ୍ଭ ହୋଇଛି। ରାଜ୍ୟର ମେଡିକାଲଗୁଡିକରେ କେତେ ସାଧାରଣ ବେଡ୍, ଆଇସିୟୁ ବେଡ୍, ଅକ୍ସିଜେନ୍, ଭେଣ୍ଟିଲେଟର, ସପୋର୍ଟ ସିଷ୍ଟମ୍, ଔଷଧ, ପିପିଇ କିଟ୍ ମହଜୁଦ୍ ଅଛି ଓ ସେଗୁଡିକ କରୋନା ମୁକାବିଲା ପାଇଁ କେତେ ପ୍ରସ୍ତୁତ ରହିଛି ତାହା ଏଥିରୁ ଜଣାପଡିବ। ସବୁ ଜିଲାପାଳଙ୍କ ତତ୍ତ୍ୱାବଧାନରେ ମକ୍‌ଡ୍ରିଲ୍ କରାଯାଉଛି। ଟେଷ୍ଟିଂ, ଟ୍ରାକିଂ, ଟିକାକରଣ, ଟ୍ରିଟ୍‌ମେଣ୍ଟ ଏବଂ କୋଭିଡ୍ ଆପ୍ରୋପ୍ରିଏଟ୍ ବିହେଭିଅର – ଏହି ୫ଟି ସୂତ୍ରକୁ ନେଇ ପୁଣିଥରେ କୋଭିଡ୍ ମୁକାବିଲା କରାଯିବ। ବର୍ତ୍ତମାନ ଓଡ଼ିଶାର ସ୍ଥିତି ଭଲ ଥିଲେ ବି ଆମକୁ ସତର୍କ ରହିବାକୁ ପଡିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, ଏବେ ନୂଆ ଏକ ଭାରିଆଣ୍ଟ ଆସୁଛି। ଏହାକୁ ନେଇ ସମଗ୍ର ଦେଶରେ ପଜିଟିଭ ସଂଖ୍ୟା ବୃଦ୍ଧି ପାଉଛି। ଆମ ରାଜ୍ୟରେ ମାସେ ଭିତରେ ପିକ୍ ଆସିପାରେ। କ୍ୟାପିଟାଲ ହସ୍ପିଟାଲରେ ଏବେ ଦିନକୁ ପ୍ରାୟ ୪୦ରୁ ୫୦ଟି ଟେଷ୍ଟ କରାଯାଉଥିବାବେଳେ କେବେକେବେ ଜଣେ ୨ଜଣ ପଜିଟିଭ୍ ଚିହ୍ନଟ ହେଉଛନ୍ତି। କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଏଠାରେ ୧୦ଟି ଆଇସୋଲେଶନ୍ ବେଡ୍ ରହିଛି। ତା' ସାଙ୍ଗକୁ ହ୍ୱିଲ ଚେୟାର, ଷ୍ଟ୍ରେଚର, ଅକ୍ସିଜେନ୍ ଆଦିର ସମସ୍ତ ସୁବିଧା ରହିଛି। ପରୀକ୍ଷା ପାଇଁ ଟିମ୍ ମଧ୍ୟ ସଜାଗ ରହିଛି। ତେଣୁ ଭୁବନେଶ୍ୱରବାସୀଙ୍କୁ ଭଲ ଚିକିତ୍ସା ମିଳିବ ବୋଲି ଡା. ସାହୁ କହିଛନ୍ତି।

# ମାଓବାଦୀ ଦମନ ପାଇଁ ଆକାଶ ମାର୍ଗରୁ ଆକ୍ରମଣ

ମାଲକାନଗିରି,୧୦।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ଦମନ ଲାଗି ସୁରକ୍ଷାବାହିନୀ ପକ୍ଷରୁ ନୂଆ ରଣନୀତି ଅବଲମ୍ବନ କରାଯାଇଛି। ସ୍ଥଳଭାଗରେ ଭୌଗୋଳିକ ସ୍ଥିତି କାରଣରୁ ମୁହାଁମୁହିଁ ଲଢେଇ ସମ୍ଭବ ହୋଇ ପାରୁ ନ ଥିବା କାରଣରୁ ଏବେ ଆକାଶମାର୍ଗରୁ ଆକ୍ରମଣ ଆରମ୍ଭ ହୋଇଛି; ଯାହାକୁ ନେଇ ମାଓବାଦୀ ସଂଗଠନ ଇତସ୍ତତଃ ହୋଇପଡ଼ିଥିବା ପରିଲକ୍ଷିତ ହେଉଛି। ସେପଟେ ଆକ୍ରମଣରେ କିଛି ଗ୍ରାମବାସୀ ଆହତ ହୋଇଥିବାରୁ ସୀମାନ୍ତ ଗ୍ରାମଗୁଡିକରେ ପ୍ରଜାମେଳି କରି ଏହାକୁ ବିରୋଧ କରିଛନ୍ତି ଲୋକେ। ପ୍ରଜାମେଳି ପଛରେ ମାଓବାଦୀମାନେ ସାମିଲ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଦକ୍ଷିଣ ବସ୍ତର ମାଓବାଦୀ ସଙ୍ଗଠନ ଏକ ପ୍ରେସ ଇସ୍ତାହାର ଜାରି କରି ମାଓବାଦୀ ଦମନ ନାମରେ କେନ୍ଦ୍ର ଏବଂ ରାଜ୍ୟ ସରକାର ମାନବିକତା ହରାଉଛନ୍ତି ବୋଲି ଦର୍ଶାଇଛି। ଗତ ୪ମାସରେ ଯବାନମାନେ ଏପରି ଦୁଇଥର ଏୟାର ଷ୍ଟ୍ରାଇକ କରିଛନ୍ତି। ହେଲିକପ୍ଟର ଆସି ଗୁଳିବର୍ଷଣ କରିବା ସହ ଡ୍ରୋନ ଯୋଗେ ବୋମା ପକାଉଛନ୍ତି।

# ସହକାରୀ ପରିଚାଳିକାଙ୍କ ସମେତ ୩ ଜଣଙ୍କ ବିରୋଧରେ ପ୍ରୋସିଡିଂ

## ନବମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା

କେନ୍ଦୁଝର,୧୦।୪(ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଣେ ୧୫ ବର୍ଷର ଛାତ୍ରୀ ମା' ହେବା ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହଷ୍ଟେଲର ସହକାରୀ ପରିଚାଳିକା, ଏଏନ୍‌ଏମ୍ ଓ ମାଟ୍ରନ୍‌ଙ୍କ ବିରୋଧରେ ଏହି ପ୍ରୋସିଡିଂ ଆରମ୍ଭ ହୋଇଛି। ଘଟଣାରେ ପୂର୍ବରୁ ମାଟ୍ରନ୍‌ଙ୍କୁ ବଦଳି କରାଯାଇଛି।

ସୂଚନାଯୋଗ୍ୟ, ନବମ ଶ୍ରେଣୀ ଛାତ୍ରୀ ଜଣକ ଗତ ଜାନୁୟାରୀ ୨୫ରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ସେଠାରେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଘଟଣା ପରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଛାତ୍ରୀନିବାସରେ ଅବ୍ୟବସ୍ଥା ପଦାକୁ ଆସିଥିଲା। ଘଟଣା ଘଟିବାର ୨ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଦାୟିତ୍ୱରେ ଅବହେଳା କରିଥିବା ପ୍ରଧାନ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ଏହିଭଳି ପ୍ରୋସିଡିଂ ହୋଇଥିବା କର୍ମଚାରୀଙ୍କ ବାବଦରେ ତଦନ୍ତ ହେଲା ପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତାଦାରଖ ଦାୟିତ୍ୱ ପ୍ରଧାନ ଶିକ୍ଷକ, ଛାତ୍ରୀନିବାସ ସହକାରୀ ପରିଚାଳିକା, ମାଟ୍ରନ୍, ଏଏନ୍‌ଏମ୍, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଉପରେ ନ୍ୟସ୍ତ ଥାଏ। କେବଳ ମାଟ୍ରନ୍‌ଙ୍କୁ ବଦଳି କରାଯାଇଥିବାରୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ସେଠୀ କହିଛନ୍ତି, ସହକାରୀ ପରିଚାଳିକାଙ୍କ ସମେତ ୩ଜଣ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଧାନଶିକ୍ଷକଙ୍କ ସମ୍ପୃକ୍ତି ନେଇ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

SBI

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଫୋନ ନଂ.:୦୬୭୪-୨୫୪୯୬୬୩, ୨୫୪୯୬୨୧, ଫାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ୍ ଆଇଡି.: sbi.05174@sbi.co.in

ଗାଡ଼ି ବିକ୍ରୟ ବିଜ୍ଞପ୍ତି

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡ଼ିର ପ୍ରକାର / ମଡେଲ | ରେଜିଷ୍ଟ୍ରେସନ୍ ନଂ. | ଚେସିସ୍ ନଂ. | ଇଞ୍ଜିନ୍ ନଂ. | ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ (ଟ.) | ଇଏମ୍‌ଡି / ବର୍ଦ୍ଧିତ ବିଡ୍ (ଟ.) | ୟାର୍ଡର ଠିକଣା |
|---|---|---|---|---|---|---|---|---|
| ଶ୍ରୀ ଇ. ଭେଙ୍କଟ ରାଓ, ପିତା: ଇ.ଏସ୍. ମୂର୍ତ୍ତି, ମେନ୍ ରୋଡ୍, କାଳିମେଳା, ଜିଲ୍ଲା: ମାଲକାନଗିରି / ଆକାଉଣ୍ଟ ନଂ.: ୩୫୯୪୬୦୧୧୦୦୮ | PASSENGER BUS | OD-10 F-3277 | MB1PBEFD 9GEYV6728 | GYEZ414547 | ୨୦୧୬ | ୧୨,୦୦,୦୦୦/- | ୧,୨୦,୦୦୦/- / ୨୫,୦୦୦/- | କଳିଙ୍ଗ ଅଟୋ ସର୍ଭିସେସ୍ (ଜୟପୁର), ସା: ବାମୁନୀଗାଁ, ପୋ: ଜୟପୁର, ଜୟପୁର, ମହାପାତ୍ର ଫିଲିଙ୍ଗ୍ ଷ୍ଟେସନ ସାମ୍ନା, ଜୟପୁର, ଓଡ଼ିଶା-୭୬୪୦୦୩ |

ନିଲାମ ତାରିଖ ଏବଂ ସମୟ: ତା.୨୧.୦୪.୨୦୨୩ ରିଖ ଅପରାହ୍ନ ୦୧.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ
ଗାଡ଼ି ତନଖି ତାରିଖ ଏବଂ ସମୟ: ତା.୧୯.୦୪.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା

ପ୍ରଦତ୍ତ ନିୟମାବଳୀ ଅନୁଯାୟି ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଗାଡ଼ିର କ୍ରେତାଙ୍କ ଠାରୁ ଆଦାୟ କରାଯିବ ।

ସବିଶେଷ ବିବରଣୀ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପାଇଁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ର ୱେବସାଇଟ୍
Website : www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଦେଖନ୍ତୁ ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ: https://www.mstcecommerce.com/auctionhome/ibapi/index.jsp । ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୮୧୦୫୬୨୮୦୩, ପ୍ରବନ୍ଧକ: ଶ୍ରୀ ଭୀମ ମେହେର, ମୋ.: ୯୮୬୧୦୫୮୮୯୦

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୦୪.୨୦୨୩
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ, ବାଣପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ୟୁକୋ ବ୍ୟାଙ୍କ, ବାଣପୁର ଶାଖା ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ବାଣପୁର ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଅବଦୁଲ୍ ଫିରୋଜଉଦ୍ଦିନ୍, ପିତା: ୰ ଅବଦୁଲ୍ ମନାନ୍‌ଉଦ୍ଦିନ୍, ସା: ଗଡ଼ସାହି, ପୋ: ବାଣପୁର, ବାଣପୁର ଏନ୍‌ଏସି, ଖୋର୍ଦ୍ଧା - ୭୫୨୦୩୧ / ଗ୍ୟାରେଣ୍ଟିଦାତାମାନେ: ୧) ମହମ୍ମଦ ଅମିନ୍ ନାଜିର, ପିତା: ଅବଦୁଲ୍ ନାଜିର ଖାଁ, ସା: ୪-୧/୩୫୫, ଫ୍ଲାଟ୍ ନଂ.: ଜେ-୨୦୨, କମଫର୍ଟ ହୋମ୍ସ, ଏଚ୍‌ବି କଲୋନୀ, ପୁରୁଷୋତ୍ତମପୁରମ, ପେଣ୍ଡୁର୍ଥୀ, ବିଶାଖାପଟନମ୍, ୨) କାଦିରୁନ୍ ନିଶା, ସ୍ୱାମୀ: ୰ ଅବଦୁଲ୍ ମନାନ୍‌ଉଦ୍ଦିନ୍, ୩) ଅବଦୁଲ୍ ଇଜାଉଦ୍ଦିନ୍, ପିତା: ୰ ଅବଦୁଲ୍ ମନାନ୍‌ଉଦ୍ଦିନ୍, ଉଭୟଙ୍କ ଠିକଣା- ସା: ଗଡ଼ସାହି, ପୋ: ବାଣପୁର, ବାଣପୁର ଏନ୍‌ଏସି, ଖୋର୍ଦ୍ଧା - ୭୫୨୦୩୧ | ୨୬.୧୦.୨୦୨୨ ସୁଦ୍ଧା ଟ.୧,୬୯,୬୪,୩୬୬.୮୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୧୧.୨୦୨୨ / ୦୬.୦୪.୨୦୨୩ | ୧) କାଦିରୁନ୍ ନିଶା, ସ୍ୱାମୀ: ୰ ଅବଦୁଲ୍ ମନାନ୍‌ଉଦ୍ଦିନ୍, ସା: ଗଡ଼ସାହି, ପୋ: ବାଣପୁର, ବାଣପୁର ଏନ୍‌ଏସି, ଖୋର୍ଦ୍ଧା - ୭୫୨୦୩୧ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୧୩/୧୪୫୫, ପ୍ଲଟ୍ ନଂ.: ୭୭୨ ଏବଂ ୭୩୩, ସମୁଦାୟ କ୍ଷେତ୍ର: ଏକର୦.୧୨୨ ଡ଼ିସିମିଲି, ମୌଜା: ସାନ୍ତରାପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୮୦୩ ଏବଂ ୭୩୧, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ.: ୭୩୪, ଦକ୍ଷିଣ: ପ୍ଲଟ୍ ନଂ.: ୮୦୩, ୨) ମହମ୍ମଦ ଅମିନ୍ ନାଜିର, ପିତା: ଅବଦୁଲ୍ ନାଜିର ଖାଁ, ସା: ୪-୧/୩୫୫, ଫ୍ଲାଟ୍ ନଂ.: ଜେ-୨୦୨, କମଫର୍ଟ ହୋମ୍ସ, ଏଚ୍‌ବି କଲୋନୀ, ପୁରୁଷୋତ୍ତମପୁରମ, ପେଣ୍ଡୁର୍ଥୀ, ବିଶାଖାପଟନମଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୮/୨୦୬(ପୂର୍ବ ଖାତା ନଂ.: ୧୦୮/୩୮), ପ୍ଲଟ୍ ନଂ.: ୪୦୦/୬୮୧, କ୍ଷେତ୍ର: ଏକର୦.୦୨୦୧ ଡ଼ିସିମିଲି ଯାହା ୮୭୫୫.୫୬ ବର୍ଗଫୁଟ(ଘରବାରୀ), ମୌଜା: ଆଖୁପୋଖରା, ଥାନା: ବାଣପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିଜୟ ଜେନା, ପଶ୍ଚିମ: ସରକାରୀ ଜମି, ଉତ୍ତର: ଇଜମାଇଲ ରାସ୍ତା, ଦକ୍ଷିଣ: ନରସିଂଗ ସୁବୁଦ୍ଧି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୦.୦୪.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

SBI

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
୨ୟ ମହଲା, ଶ୍ରୀମା କନ୍‌ଷ୍ଟ୍ରକ୍ସନ ବିଲ୍ଡିଂ, ସା/ପୋ: ମଧୁପାଟଣା, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୧୦,
ଫୋନ୍: ୦୬୭୧-୨୩୪୦୬୫୦/୨୩୪୪୩୦୮, ଫ୍ୟାକ୍ସ: ୦୬୭୧-୨୩୪୦୬୫୪/୨୩୪୪୩୦୨
ଇ-ମେଲ୍ ଆଇଡି.: sbi.10027@sbi.co.in

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର /ଅସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ସରଫେଶୀ ଆକ୍ଟର ୨୦୦୨ଧାରା ୧୩(୪) ଅନୁସାରେ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟ କରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତି ଗୁଡ଼ିକୁ ''ଯେଉଁଠାରେ ଯେପରି ଅଛି'', ''ଯାହା ଯେପରି ଅଛି'' ଏବଂ ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ ।

ଇ-ନିଲାମ ତାରିଖ ଓ ସମୟ: ତା.୨୬.୦୪.୨୦୨୩ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ରାଶି ଯାହାକି ଆଦାୟ ନିମନ୍ତେ ସମ୍ପତ୍ତି ଗୁଡିକର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: (୧) ଶ୍ରୀ ରୋଜ୍ ମହମ୍ମଦ ଏବଂ (୨) ଶ୍ରୀମତୀ ସେହନାଜ ବାନୋ, ସା: ଜରୋଳି, ପୋ: ଜଜାଙ୍ଗ, ଥାନା: ଯୋଡ଼ା, କେନ୍ଦୁଝର-୭୫୮୦୩୪ | ଶ୍ରୀ ରୋଜ ମହମ୍ମଦ ଏବଂ ଶ୍ରୀମତୀ ସେହନାଜ ବାନୋ, ସ୍ୱା: ଶ୍ରୀ ରୋଜ୍ ମହମ୍ମଦଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଜରୋଳି, ପୋ: ଜଜାଙ୍ଗ, ଥାନା: ଯୋଡ଼ା, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ | ତା. ୨୯.୦୭.୨୦୨୧ ସୁଦ୍ଧା ଟ. ୧,୦୧,୪୫,୦୦୦/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୦୨.୦୫.୨୦୧୬ | ଟ.୫୦,୮୭,୦୦୦/- / ଟ.୫,୦୮,୭୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ପ୍ରଦୀପ କୁମାର ଦାସ, ସା/ପୋ: ଭଦ୍ରସାହି, ଥାନା: ବଡ଼ବିଲ, ଜିଲ୍ଲା: କେନ୍ଦୁଝର, ପିନ୍ କୋଡ଼: ୭୫୮୦୩୫, ଓଡ଼ିଶା | ଶ୍ରୀ ପ୍ରଦୀପ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ୟୁନିଟ୍ ନଂ.: ୧୫, ମୌଜା: ଭୁଷୁଗାଁ, ଖାତା ନଂ.: ୧୨୮/୨୫୩, ପ୍ଲଟ୍ ନଂ.: ୫୫୧/୯୬୦, କ୍ଷେତ୍ର: ଏକର ୦.୦୭୫ ଡିସିମିଲି, କିସମ: ଘରବାରୀ | ତା. ୧୮.୦୫.୨୦୨୨ ସୁଦ୍ଧା ଟ. ୧,୫୫,୯୭,୦୦୦/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୦୪.୦୫.୨୦୧୮ | ଟ.୧,୧୬,୭୬,୦୦୦/- / ଟ.୧୧,୬୭,୬୦୦/- / ଟ.୫୦,୦୦୦/- |
| ୩. | ଋଣଗ୍ରହୀତାମାନେ: (୧) ମେସର୍ସ ଅଶୋକ ପ୍ରୋଜେକ୍ଟ କନଷ୍ଟ୍ରକ୍ସନ୍ସ, ସ୍ୱତ୍ୱାଧିକାରୀ: ୰ ଅଶୋକ କୁମାର ନାୟକ, (୨) ଶ୍ରୀମତୀ ବାସନ୍ତୀଲତା ନାୟକ, ସ୍ୱା: ୰ ଅଶୋକ କୁମାର ନାୟକ, ସା: କେରାସାହି, ପୋ: ବିଦେଇପୁର, ଭାୟା: ନାଏକନିଧି, ଜିଲ୍ଲା: ଭଦ୍ରକ, ପିନ୍ କୋଡ଼: ୭୫୬୧୬୪, ଓଡ଼ିଶା | ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୯୩/୧୨୦, ପ୍ଲଟ୍ ନଂ.: ୧୭୨/୬୮୦, କ୍ଷେତ୍ର: ଏକର୦.୪୫ ଡିସିମିଲି, ପ୍ଲଟ୍ ନଂ.: ୫୭/୭୦୭, କ୍ଷେତ୍ର: ଏକର୦.୫୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୬୭/୭୦୮, କ୍ଷେତ୍ର: ଏକର୦.୦୪ ଡିସିମିଲି | ତା. ୦୬.୦୩.୨୦୨୩ ସୁଦ୍ଧା ଟ. ୨,୨୯,୯୪,୦୦୦/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୦୩.୦୯.୨୦୧୩ | ଟ.୪୨,୫୦,୦୦୦/- / ଟ.୪,୨୫,୦୦୦/- / ଟ.୫୦,୦୦୦/- |
| ୪. | ଋଣଗ୍ରହୀତାମାନେ: (୧) ମେସର୍ସ ସୋନାଲୀ ଆଇସ୍ ପ୍ଲାଣ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରସନ୍ନ କୁମାର ସାହୁ, ପିତା: ୰ ଅଦ୍ୱୈତ ଚରଣ ସାହୁ ଏବଂ ୰ ଅଦ୍ୱୈତ ଚରଣ ସାହୁଙ୍କ ଆଇନଗତ ଉତ୍ତରାଧିକାରୀମାନେ ହେଲେ ଶ୍ରୀ ପ୍ରସନ୍ନ କୁମାର ସାହୁ, ଶ୍ରୀମତୀ ଶାନ୍ତିଲତା ସାହୁ, ଶ୍ରୀମତୀ ମିନତୀ ସାହୁ, ଶ୍ରୀମତୀ ଝୁନୁବାଳା ସାହୁ, ଶ୍ରୀମତୀ ଉର୍ମୀଳା ସାହୁ, ଶ୍ରୀ ପ୍ରସାନ୍ତ ସାହୁ, ଶ୍ରୀ ବସନ୍ତ କୁମାର ସାହୁ ଏବଂ ଶ୍ରୀ ଶିବ ଶଙ୍କର ସାହୁ, (୨) ଶ୍ରୀ ପ୍ରସନ୍ନ କୁମାର ସାହୁ, ପିତା: ୰ ଅଦ୍ୱୈତ ଚରଣ ସାହୁ, (୩) ଶ୍ରୀମତୀ ଶାନ୍ତିଲତା ସାହୁ, ସ୍ୱା: ୰ ଅଦ୍ୱୈତ ଚରଣ ସାହୁ, (୪) ଶ୍ରୀ ପ୍ରଶାନ୍ତ କୁମାର ସାହୁ, ପିତା: ୰ ଅଦ୍ୱୈତ ଚରଣ ସାହୁ, (୫) ଶ୍ରୀ ବସନ୍ତ କୁମାର ସାହୁ, ପିତା: ୰ ଅଦ୍ୱୈତ ଚରଣ ସାହୁ, (୬) ଶ୍ରୀ ଶିବ ଶଙ୍କର ସାହୁ, ପିତା: ୰ ଅଦ୍ୱୈତ ଚରଣ ସାହୁ, ସମସ୍ତଙ୍କ ଠିକଣା ସା: କୁମ୍ଭାରସାହି, ଚୌଦ୍ୱାର, କଟକ-୭୫୪୦୨୬, (୭) ଶ୍ରୀମତୀ ମିନତୀ ସାହୁ, ସ୍ୱା: ଭୂର୍ବ ଚନ୍ଦ୍ର ସାହୁ, ସା: କଣ୍ଡାଲୋ, ଆଠଗଡ଼, ଜିଲ୍ଲା: କଟକ-୭୫୪୦୨୯, (୮) ଶ୍ରୀମତୀ ଝୁନୁବାଳା ସାହୁ, ସ୍ୱା: ଶିବ ପ୍ରସାଦ ସାହୁ, ବକ୍ସିବଜାର, କଟକ-୭୫୩୦୦୧, (୯) ଶ୍ରୀ ଉର୍ମୀଳା ସାହୁ, ସ୍ୱା: ପଦ୍ମ ଚରଣ ସାହୁ, ପୂର୍ଣ୍ଣଗଡ, ଜିଲ୍ଲା: ଅନଗୁଳ-୭୫୯୧୨୨ | ୰ ଅଦ୍ୱୈତ ଚରଣ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚୌଦ୍ୱାର, ଖାତା ନଂ.: ୫୩୪/୩୩, ପ୍ଲଟ୍ ନଂ.: ୮୪୪/୧୯୩୯, କ୍ଷେତ୍ର: ଏକର୦.୦୧୬ ଡିସିମିଲି, କିସମ: ଘରବାରୀ | ତା. ୩୧.୦୩.୨୦୨୩ ସୁଦ୍ଧା ଟ. ୨୬,୩୩,୪୦୫/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୩୦.୧୧.୨୦୧୯ | ଟ.୨୪,୪୦,୦୦୦/- / ଟ.୨,୪୪,୦୦୦/- / ଟ.୫୦,୦୦୦/- |
| ୫. | ଋଣଗ୍ରହୀତାମାନେ: (୧) ମେସର୍ସ ତାରିଣୀ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଅଞ୍ଜନା ରଣା, ସ୍ୱା: ଶ୍ରୀ ଅରକ୍ଷୀତ ରଣା, (୨) ଶ୍ରୀମତୀ ଅଞ୍ଜନା ରଣା, ସ୍ୱା: ଶ୍ରୀ ଅରକ୍ଷୀତ ରଣା, ଜଗନ୍ନାଥ ମନ୍ଦିର ନିକଟ, ସା/ପୋ: କୁସୁପୁର, ଥାନା: ମାହାଙ୍ଗା, ଜିଲ୍ଲା: କଟକ, ଓଡ଼ିଶା-୭୫୪୨୦୫ / ଜାମିନ୍‌ଦାରମାନେ: (୧) ଶ୍ରୀ ଅନନ୍ତ ରଣା, ପିତା: ୰ ବୈରାଗୀ ରଣା, (୨) ଶ୍ରୀ ମନୋରଞ୍ଜନ ରଣା, (୩) ଶ୍ରୀ ମୀନା ରଣା ଓରଫ୍ ମିନତୀ ରଣା, ସ୍ୱା: ୰ ନାରାୟଣ ରଣା, (୪) ଶ୍ରୀ ଅରକ୍ଷୀତ ରଣା, ପିତା: ୰ ବୈରାଗୀ ରଣା, (୫) ଶ୍ରୀ ସୌମ୍ୟରଞ୍ଜନ ରଣା, ପିତା: ୰ ଅଚ୍ୟୁତାନନ୍ଦ ରଣା, (୬) ଶ୍ରୀ ଚିତରଞ୍ଜନ ରଣା, ପିତା: ୰ ଅଚ୍ୟୁତାନନ୍ଦ ରଣା, (୭) ଶ୍ରୀ ରମାରଞ୍ଜନ ରଣା, ପିତା: ୰ ଅଚ୍ୟୁତାନନ୍ଦ ରଣା, (୮) ଶ୍ରୀମତୀ ଜ୍ୟୋତ୍ସନା ରଣା, ସ୍ୱା: ୰ ଅଚ୍ୟୁତାନନ୍ଦ ରଣା, ସମସ୍ତଙ୍କ ଠିକଣା ସା/ପୋ: କୁସୁପୁର, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୫, ଓଡ଼ିଶା | ଶ୍ରୀମତୀ ମିନତୀ ରଣା, ଶ୍ରୀ ଅନନ୍ତ ରଣା, ୰ ଅଚ୍ୟୁତାନନ୍ଦ ରଣା ଏବଂ ଶ୍ରୀ ଅରକ୍ଷୀତ ରଣାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କୁସୁପୁର, ତହସିଲ: ମାହାଙ୍ଗା, ଖାତା ନଂ.: ୮୧୫/୨୧୦, ପ୍ଲଟ୍ ନଂ.: ୭୯୬, ୭୯୭, ୭୯୯, କ୍ଷେତ୍ର: ଏକର୦.୧୪୦ ଡିସିମିଲି, କିସମ: ଘରବାରୀ | ତା. ୩୧.୦୩.୨୦୨୩ ସୁଦ୍ଧା ଟ. ୩୬,୦୦,୧୯୩/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୨୫.୦୮.୨୦୨୦ | ଟ.୨୯,୩୯,୦୦୦/- / ଟ.୨,୯୩,୯୦୦/- / ଟ.୫୦,୦୦୦/- |
| ୬. | ଋଣଗ୍ରହୀତାମାନେ: (୧) ଶ୍ରୀମତୀ ସୋମା ମିତ୍ର, ସ୍ୱା: ଶ୍ରୀ ସପନ ମିତ୍ର, (୨) ଶ୍ରୀ ସପନ ମିତ୍ର, ପିତା: ଶ୍ରୀ ନଳିନୀକାନ୍ତ ମିତ୍ର, ସମସ୍ତଙ୍କ ଠିକଣା ଫ୍ଲାଟ୍ ନଂ.: ଏଫ୍/୧୦୬, ପ୍ରସାନ୍ତି ଆପାର୍ଟମେଣ୍ଟ, ଦେଉଳସାହି, ତୁଳସୀପୁର, କଟକ-୭୫୩୦୦୮ | ଶ୍ରୀମତୀ ସୋମା ମିତ୍ର ଏବଂ ଶ୍ରୀ ସପନ ମିତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ଏଫ୍/୧୦୬, ୧ମ ମହଲା, ପ୍ରସାନ୍ତି ଆପାର୍ଟମେଣ୍ଟ, ଦେଉଳସାହି, ତୁଳସୀପୁର | ତା. ୩୧.୦୩.୨୦୨୩ ସୁଦ୍ଧା ଟ. ୩୭,୨୪,୮୮୬/- + ପରବର୍ତ୍ତି ସୁଧ, ଖର୍ଚ୍ଚ, ଅନ୍ୟାନ୍ୟ ଦେୟ ଇତ୍ୟାଦି / ୧୫.୧୨.୨୦୨୧ | ଟ.୩୫,୭୬,୦୦୦/- / ଟ.୩,୫୭,୬୦୦/- / ଟ.୫୦,୦୦୦/- |

କ୍ର.ନଂ.୧, ୨ ଏବଂ ୩ - ଭୌତିକ ଦଖଲ ଏବଂ କ୍ର.ନଂ.୪, ୫ ଏବଂ ୬ - ସାଙ୍କେତିକ ଦଖଲ

ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୨୪.୦୪.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ

ଏହି ବିକ୍ରୟ ନୋଟିସ୍ ଟି ସିକ୍ୟୁରିଟି ଇଣ୍ଟରେଷ୍ଟ - (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ ର ୮ (୬) ଏବଂ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କୁ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ ।

ସବିଶେଷ ବିବରଣୀ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପାଇଁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ର ୱେବସାଇଟ୍
Website : www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଦେଖନ୍ତୁ ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ: https://www.mstcecommerce.com/auctionhome/ibapi/index.jsp ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର.ନଂ.୧ ରୁ ୩ ପାଇଁ: ସିସିଓ: ବି.ଏନ୍ ମୁର୍ମୁ, ମୋ.: ୭୩୮୧୦୪୮୭୦୭, ସିଏଲ୍‌ଓ: ଶ୍ରୀ ଜନ୍ମେଜୟ ମହାପାତ୍ର, ମୋ.: ୯୪୩୭୯୩୫୨୪୮, କ୍ର.ନଂ.୪ ରୁ ୬ ପାଇଁ: ସିସିଓ: ପ୍ରମିଳା ଏକ୍କା, ମୋ.: ୭୯୭୮୩୫୧୯୯୮, ସିଏଲ୍‌ଓ: ଶ୍ରୀ ଜନ୍ମେଜୟ ମହାପାତ୍ର, ମୋ.: ୯୪୩୭୯୩୫୨୪୮

ସ୍ଥାନ : କଟକ
ତାରିଖ : ୧୦.୦୪.୨୦୨୩
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଯୁବତୀଙ୍କ ନାମରେ ଫେକ୍ ଆକାଉଣ୍ଟ

ଅନୁଗୋଳ ଅଫିସ, ୧୦।୪: ଅନୁଗୋଳ ଜିଲାର ଜଣେ ଯୁବକ ଏକତରଫା ପ୍ରେମରେ ବିଫଳ ହେବା ପରେ ଜଣୈକା ଯୁବତୀଙ୍କ ନାମରେ ଫେକ୍ ଆକାଉଣ୍ଟ ଖୋଲି ଅଶ୍ଳୀଳ ଫଟୋ ଓ ମେସେଜ୍ ଲୋକଙ୍କୁ ପଠାଉଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସମ୍ପୃକ୍ତା ଯୁବତୀଙ୍କୁ ଯୁବକ ଜଣଙ୍କ ଏକତରଫା ପ୍ରେମ କରୁଥିଲେ। ଏହା ଜାଣିବା ପରେ ଯୁବତୀ ଜଣଙ୍କ ଯୁବକଙ୍କ ନିକଟରୁ ଦୂରେଇ ରହିଥିଲେ। ଏଥିରେ ଯୁବକ ଜଣଙ୍କ ରାଗିଯାଇ ଯୁବତୀଙ୍କ ମୋବାଇଲକୁ ଫୋନ୍ କରି ପ୍ରଥମେ ଗାଳିଗୁଲଜ କରିବା ସହ ଅଶ୍ଳୀଳ ମେସେଜ୍ କରିଥିଲେ। ଏହାପରେ ଫେସବୁକ୍‌ରେ ୨ଟି ଆକାଉଣ୍ଟ ଖୋଲି ବିଭିନ୍ନ ଫଟୋ ଏଡିଟିଂ କରି ପୋଷ୍ଟ କରୁଛନ୍ତି। ବିଭିନ୍ନ ଲୋକଙ୍କୁ ଫ୍ରେଣ୍ଡ ରିକୁଏଷ୍ଟ ପଠାଇ ଅଶ୍ଳୀଳ ଚାଟିଂ କରୁଛନ୍ତି। ଏପରି କି ଜୀବନରେ ମାରିଦେବାକୁ ଧମକ ଦେଉଥିବାରୁ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଯୁବତୀ ଜରକ ଅବଗତ କରିଥିଲେ। ଏ ନେଇ ସମ୍ପୃକ୍ତା ଯୁବତୀ ସାଇବର ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଅସ୍ତବ୍ୟସ୍ତ ହେଲା ଅନୁଗୋଳ

**ଅନୁଗୋଳ ଅଫିସ, ୧୦।୪**



- ପାରଦ ଛୁଇଁଲା ୩୯.୭ ଡିଗ୍ରୀ
- ପୂର୍ବାହ୍ନ ୧୧ଟା ପରେ ସହର ଖାଁ ଖାଁ
- ଆଜିଠାରୁ ସବୁ ସ୍କୁଲ ସକାଳୁଆ

ପଶ୍ଚିମା ଝଡ଼ ଓ କାଳବୈଶାଖୀ ପ୍ରଭାବ ହ୍ରାସ ପାଇଥିବାରୁ ତାତି ହଠାତ୍ ବଢ଼ିଯାଇଛି। ସୋମବାର ଅନୁଗୋଳର ତାପମାତ୍ରା ୩୯.୭ ଡିଗ୍ରୀ ଛୁଇଁଛି। ଏହା ଜିଲାରେ ଚଳିତବର୍ଷର ସର୍ବାଧିକ ତାପମାତ୍ରା ବୋଲି ରେକର୍ଡ କରାଯାଇଛି। ଫଳରେ କିଛିଦିନ ହେଲା ମେଘୁଆ ପାଗ ଯୋଗୁ ତାତିରୁ ତ୍ରାହି ପାଇଥିବା ଅନୁଗୋଳବାସୀ ଗ୍ରୀଷ୍ମ ପ୍ରବାହରେ ଦିନତମାମ ଅସ୍ତବ୍ୟସ୍ତ ହୋଇଛନ୍ତି। ସକାଳୁ ଟାଣ ଖରା ଯୋଗୁ ପୂର୍ବାହ୍ନ ୧୧ଟା ପରେ ସହରରେ ସେତେଟା ଗହଳି ନ ଥିଲା। ରାସ୍ତା ମଧ୍ୟ ଖାଁ ଖାଁ ହୋଇଯାଇଥିଲା। ଜନଗହଳିପୂର୍ଣ୍ଣ ସ୍ଥାନ କୁହାଯାଉଥିବା ବଜାର ଛକରେ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରହିଥିଲେ ହେଁ ଗ୍ରାହକଙ୍କ ସଂଖ୍ୟା କମି ଯାଇଥିଲା। ଆଜିଠାରୁ ସରକାରୀ ଅଫିସ ସକାଳୁଆ ହୋଇଥିବା ବେଳେ ମଙ୍ଗଳବାରଠାରୁ ଜିଲାର ସମସ୍ତ ସ୍କୁଲରେ ସକାଳୁଆ ପାଠପଢ଼ା ହେବ। ସକାଳ ୭ଟାରୁ କ୍ଲାସ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ଯାଏ ଚାଲିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

ସାଧାରଣତଃ ଏପ୍ରିଲ ଆରମ୍ଭରୁ ଗ୍ରୀଷ୍ମ ପ୍ରବାହ ଜୋର୍ ଧରିଥାଏ। ହେଲେ ଚଳିତବର୍ଷ ପଶ୍ଚିମା ଝଡ଼ ଓ କାଳବୈଶାଖୀ ପ୍ରଭାବ ଯୋଗୁ ଏହା ଦ୍ୱିତୀୟ ସପ୍ତାହ ଯାଏ ଅନୁଭବ ହୋଇ ନ ଥିଲା। କିନ୍ତୁ ଏବେ ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହୋଉଥିବାରୁ ତାତି ହଠାତ୍ ବଢ଼ିଯାଇଛି। ଆଗାମୀ ଦିନେ ଦୁଇଦିନ ମଧ୍ୟରେ ତାପମାତ୍ରା ଆହୁରି ଊର୍ଦ୍ଧ୍ୱକୁ ଉଠିବ ବୋଲି ଅନୁଗୋଳ ଉପଜିଲାପାଳଙ୍କ ପାଣିପାଗ ଅଫିସ ପକ୍ଷରୁ କୁହାଯାଇଛି। ତେଣୁ ଆଗକୁ ଅନୁଗୋଳ ସହର ସମେତ ଜିଲା ଏକପ୍ରକାର ତତଲା କଡେଇରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଜିଲାରେ ସୋମବାର ଠାରୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସକାଳୁ କାର୍ଯ୍ୟ ଆରମ୍ଭ ହୋଇଛି। ଅନୁଗୋଳ ପୌରପାଳିକା ପକ୍ଷରୁ ସହରରେ ଥିବା ସମସ୍ତ ପାନୀୟ ଜଳ ପ୍ରକଳ୍ପକୁ ଚାଲୁ କରାଯାଇଛି। ଆବଶ୍ୟକସ୍ଥଳେ ଜଳଛତ୍ର ଖୋଲାଯିବାକୁ ଯୋଜନା ହୋଇଛି। ସହରରେ ବୁଲା ଗୋରୁଙ୍କ ପାଇଁ ଜଳ ବ୍ୟବସ୍ଥା କରାଯିବ ବୋଲି ପୌରପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ସରକାରୀ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାରଠାରୁ ସବୁ ସ୍କୁଲ ସକାଳୁଆ ହେବ। ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ଯାଏ ସ୍କୁଲ ଚାଲିବ। ଆଗକୁ ତାତି ଅଧିକ ବଢ଼ିବାକୁ ଥିବାରୁ ଲୋକମାନେ ସତର୍କ ରହିବାକୁ ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ ମଧ୍ୟାହ୍ନ ସମୟରେ ଲୋକମାନେ ସାଙ୍ଗରେ ଛତା, ଗାମୁଛା ଓ ପାଣି ବୋତଲ ଧରି ଆସିବାକୁ ପରାମର୍ଶ ଦିଆଯାଇଛି। ମଧ୍ୟାହ୍ନ ୧୨ଟା ପରେ ଶ୍ରମିକମାନେ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ବିଭିନ୍ନ ବିଭାଗକୁ ଚିଠି କରାଯାଇଛି। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲା ଶ୍ରମ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିରେ ଖିଲାପ କରାଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ ରହିଛି।

### ଆବଶ୍ୟକସ୍ଥଳେ ଜଳଛତ୍ର ଖୋଲାଯିବ



ଅନୁଗୋଳ ସହରରେ ଥିବା ପ୍ରାୟ ୨୫ରୁ ଅଧିକ ପାନୀୟ ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି। ଅନ୍ୟ ଯେଉଁଠି ସମସ୍ୟା ରହିଛି, ତାହାକୁ ତୁରନ୍ତ ମରାମତି କରାଯାଇ ଲୋକଙ୍କୁ ପାଣି ଯୋଗାଇ ଦିଆଯିବ। ଆବଶ୍ୟକସ୍ଥଳେ ଜଳଛତ୍ର ଖୋଲଯିବ।

-ଅକ୍ଷୟ କୁମାର ସାମନ୍ତ, ପୌରାଧକ୍ଷ, ଅନୁଗୋଳ

### ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା



ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ବିଦ୍ୟାଳୟ ସକାଳ ୭ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ଯାଏ ଚାଲିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଛି। ଏହାକୁ ଅନୁଗୋଳ ଜିଲାରେ କାର୍ଯ୍ୟକାରୀ କରାଯିବ। ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯିବା ସହ ଅନ୍ୟାନ୍ୟ ସୁବିଧା କରାଯାଇଛି।

-ନିରଞ୍ଜନ ସାହୁ, ଜିଲା ଶିକ୍ଷା ଅଧିକାରୀ

### ସତର୍କ ରହିବା ଜରୁରୀ



ହଠାତ୍ ଗ୍ରୀଷ୍ମ ପ୍ରବାହ ବଢ଼ିଯିବା ସମସ୍ତଙ୍କ ଚିନ୍ତାର କାରଣ ହୋଇଛି। ଆଗକୁ ଏହା ଅଧିକ ବୃଦ୍ଧିପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାରୁ ଲୋକମାନେ ସତର୍କ ରହିବା ଜରୁରୀ। ଅତି ଆବଶ୍ୟକ ପଡିଲେ ମଧ୍ୟାହ୍ନରେ ଘରୁ ବାହାରନ୍ତୁ ନ ହେଲେ ଅଂଶୁଘାତର ଆଶଙ୍କା ରହୁଛି।

-ସୌମ୍ୟରଞ୍ଜନ ଦାଶ, ଅନୁଗୋଳ

### ପାନୀୟ ଜଳ ଉପରେ ପ୍ରଶାସନ ଗୁରୁତ୍ୱ ଦେଉ



ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳରେ ଖରାଦିନେ ପାନୀୟ ଜଳର ଅଭାବ ଦେଖାଦେଇଥାଏ। ତେଣୁ ଲୋକଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ଉପରେ ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଅଚଳ ପ୍ରକଳ୍ପକୁ ତୁରନ୍ତ ମରାମତି କରାଯାଉ।

-ସାକିନ ପ୍ରିୟଦର୍ଶିନୀ ଜେନା, ଅନୁଗୋଳ

## ୪୬ ଅଭିଯୋଗ ଶୁଣିଲା ପ୍ରଶାସନ

**ଅନୁଗୋଳ ଅଫିସ, ୧୦।୪**

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟରୁମ୍‌ଠାରେ ଜିଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦାଖଲ ହୋଇଥିବା ସମୁଦାୟ ୪୬ ଅଭିଯୋଗରୁ ୪୨ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡ଼ା ଦାଖଲ ହୋଇଥିବା ଅଭିଯୋଗ ମଧ୍ୟରୁ ୧୦ଟିର ତୁରନ୍ତ ଫଇସଲା କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ବାର୍ଦ୍ଧକ୍ୟ ଭତ୍ତା, ବ୍ୟାଙ୍କ ଋଣ ସମ୍ବନ୍ଧୀୟ, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ, ଗ୍ରାମ୍ୟ ରାସ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ ଓ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ଅର୍ଥନୈତିକ ଅବରୋଧ, ଉତ୍ପାଦନ ବାଧାପ୍ରାପ୍ତ

**ବଅଁରପାଳ,୧୦।୪(ଡି.ଏନ.ଏ.)**



ଏମ୍‌ପିଙ୍କ ନେତୃତ୍ୱରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯାଉଛି।

ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ନେତୃତ୍ୱରେ ସୋମବାର ନାଲ୍‌କୋ ତଥା ବିଭିନ୍ନ କଳକାରଖାନା ସମ୍ମୁଖରେ ଅର୍ଥନୈତିକ ଅବରୋଧ କରାଯାଇଛି। ଫଳରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଇନ୍‌ଟେକ ପମ୍ପ ହାଉସ, କର୍ଣ୍ଣପୁର ଆଇପିଏଚ ପମ୍ପ ହାଉସ, ଗୋତମରା ହାଟ ପାଖ ରେଳ ଲାଇନ, ନାଲ୍‌କୋ ସ୍ମେଲଟର ଗେଟ, ସିପିପି ଗୋଲେଇ ଗେଟ୍‌ଠାରେ ୧୯୮ କ୍ଷତିଗ୍ରସ୍ତ ପ୍ରଜା ସଂଘ ତାଳଚେର ଅନୁଗୋଳ ଏଲ୍‌ଏପି (ଆଇଟିଆଇ) କ୍ଷତିଗ୍ରସ୍ତ ପ୍ରଜାସଂଘ ଓ ଜମିହରା ପ୍ରଜାଙ୍କ ଦ୍ୱାରା ଅନିର୍ଦ୍ଦିଷ୍ଟ କାଳ ପାଇଁ ଅର୍ଥନୈତିକ ଅବରୋଧ କରାଯାଇଛି। ଏହାର ନେତୃତ୍ୱ ନେଇଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ଏହି ଅବରୋଧ ବେଳେ ଏଲ୍‌ଏପି (ଆଇଟିଆଇ) କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଦିବ୍ୟରଞ୍ଜନ, ସମ୍ପାଦକ ଶଶାଙ୍କ ଶେଖର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍‌କୋ ସିଏମ୍‌ଡି ନ ଆସିବା ପର୍ଯ୍ୟନ୍ତ କୌଣସି ପ୍ରକାର ଆଲୋଚନା ହୋଇପାରିବ ନାହିଁ ବୋଲି ଏମ୍‌ପି ମହେଶ ସାହୁ ରୋକଠୋକ କହିଥିଲେ। ଜିଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ ଭାବେ ବଅଁରପାଳ ଆସିଷ୍ଟାଣ୍ଟ ତହସିଲଦାର ଓ ନାଲ୍‌କୋ, ବିକ୍ରମପୁର ଏବଂ ଅନୁଗୋଳ ସଦର ଥାନା ଅଧିକାରୀ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା କୌଶଳ ଶିବିର

**ବଇଣ୍ଡା,୧୦।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କନ୍ତପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପ୍ରଧାନ, ସହକାରୀ ଶିକ୍ଷକ ଅନିଲ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖଗେଶ୍ୱର ସାହୁ, ଉପ ସଭାପତି ହୃଦାନନ୍ଦ ସାହୁ, ମଞ୍ଜୁ ବେହେରା, ସବିତା ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପାଇକସାହି ଖେଳ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଓ ରେଣୁକା ମାଝି ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନେ ନିଜକୁ କିଭଳି ବିପଦରୁ ରକ୍ଷା କରିପାରିବେ ସେ ନେଇ ତାଲିମ ଦେଇଥିଲେ। ଏଥିରେ ୩୪ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଆକର୍ଷଣ ସାଜିଲା ଲୋକନୃତ୍ୟ

**ତାଳଚେର, ୧୦।୪ (ନି.ପ୍ର.)**



୧୯ତମ ଲୋକ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ୧୯ତମ ଲୋକମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ପରିବେଷିତ ଲୋକନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ରଞ୍ଜନ କୁମାର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଳଚେରସ୍ଥିତ ଏଞ୍ଜଏ ଡ୍ୟାନ୍ସ ଗ୍ରୁପ୍ ଓ କୋଶଳର କେଡିଏ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନଙ୍କ ଦ୍ୱାର ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ସୁନ୍ଦରଗଡ଼ର ମୟୂରୀ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଡାଲ୍‌ଖାଇ ନୃତ୍ୟ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଭୁବନେଶ୍ୱରର ନୃତ୍ୟପ୍ରତିଭା ଏକାଡେମୀ ପକ୍ଷରୁ ପରିବେଷିତ ନୃତ୍ୟଗୀତିକା 'ଆସ ବାପୁ ପରି ହେବା' ଦର୍ଶକମାନଙ୍କ ମନକୁ ଜିଣି ନେଇଥିଲା। ମଧ୍ୟପ୍ରଦେଶର ବଢାଇ ଡ୍ୟାନ୍ସ ଗ୍ରୁପର କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ଲୋକନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ମୁଖ୍ୟ ଅତିଥି ମହାନ୍ତି ସମସ୍ତ କଳାକାରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଞ୍ଜୀବ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟବୋର୍ଡର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମେଗା ପାନୀୟ ପ୍ରକଳ୍ପ ପାଇଁ ଭୂମିପୂଜା

**ବଇଣ୍ଡା,୧୦।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକସ୍ଥିତ ମହାନଦୀରୁ ମେଗା ପ୍ରକଳ୍ପ ଜରିଆରେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ କରାଯିବ। ଏ ନେଇ ସୋମବାର ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତରେ ପ୍ରକଳ୍ପ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ନିରୋଜକାନ୍ତ ସାହୁ ଯୋଗଦେଇ ଭୂମିପୂଜା କରିବା ସହ ପ୍ରତ୍ୟେକ ପରିବାରକୁ କିଭଳି ବିଶୁଦ୍ଧ ପାନୀୟ ଜଳ ମିଳିବ ସେ ନେଇ ସରକାର ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ମୋହନ ଭୋଇ, ପୂର୍ବତନ ସମିତିସଭ୍ୟ ପ୍ରକାଶଚନ୍ଦ୍ର ସାହୁ, ଶିଶିର ବାଘ, ସସ୍ମିତା ଦେହୁରୀ, ରଜନୀ ବାଘ, ଗଗନ ବିହାରୀ ପ୍ରଧାନ, ପ୍ରମୋଦ ସାହୁ, ସୁରେଶ ସାହୁ, ବୀରବର ପ୍ରଧାନ, ଅମୀୟ ପ୍ରଧାନ, ପୀତବାସ ଭୂତିଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ସାହୁ, ଠିକାସଂସ୍ଥା ଅଧିକାରୀ କେ.ସି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ କରି ଆଠମଲ୍ଲିକ ବ୍ଲକର ପାଇକସାହି ପଞ୍ଚାୟତରୁ ଏହି କାର୍ଯ୍ୟ ଶୁଭାରମ୍ଭ କରାଯାଇଛି।



## ଚାଷ ଜମିରେ କେନାଲ ଖୋଳା ଅଭିଯୋଗ

**ଅନୁଗୋଳ ଅଫିସ,୧୦।୪**

ଅନୁଗୋଳ ଜିଲା ବନ୍ତଲା ଥାନା ବଡ କନ୍ତକୁଳ ପଞ୍ଚାୟତ କଞ୍ଚା ଗ୍ରାମର ବୁଦ୍ଧଦେବ ପ୍ରଧାନଙ୍କ ଚାଷ ଜମିରେ କେନାଲ ଖୋଳିଦିଆଯାଇଥିବା ନେଇ ସୋମବାର ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଅଭିଯୋଗରେ ବୁଦ୍ଧଦେବ ଦର୍ଶାଇଛନ୍ତି, ଖାତା ନମ୍ବର ୬୯, ପ୍ଲଟ ନମ୍ବର ୧୫୯୯/ ୧୬୦୪/୧୬୦୫/ ୧୬୦୮ରେ ଥିବା ଚାଷ ଜମିରେ ଆମ୍ବ, ପଣସ, ଲେମ୍ବୁ ଚାଷ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ କିଛିଦିନ ତଳେ ଉକ୍ତ ଜମିରେ କେନାଲ ଖୋଳାଯାଇଥିବା ବୁଦ୍ଧଦେବ ଦେଖିବାକୁ ପାଇଥିଲେ। ଏ ନେଇ ସେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି।

## କ୍ରିମିନାଲ ବାର୍ ଆସୋସିଏଶନ ବୈଠକ

**ବଇଣ୍ଡା,୧୦।୪(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ଆଇନଜୀବୀମାନେ।

ଆଠମଲ୍ଲିକ କ୍ରିମିନାଲ ବାର୍ ଆସୋସିଏଶନ ପକ୍ଷରୁ ସୋମବାର କ୍ରିମିନାଲ ବାର୍ ସଭାଗୃହ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଘନଶ୍ୟାମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ, ସୁଧାଂଶୁ ବେହେରା, ସବ୍ୟସଚି ସିଂ ସାମନ୍ତ, କୁମୁଦ ପ୍ରଧାନ, ସୁଜିତ ବିଶ୍ୱାଳ, ସୋନମ ଟିବ୍ରୁୱାଲା, ଓଁଚାନ୍ଦ ପ୍ରଧାନ, ବିଧୁ ଭୂଷଣ ବଡ଼ମାଳି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆଇନଜୀବୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଠମଲ୍ଲିକ ବାର୍ ଆସୋସିଏଶନ ସଦସ୍ୟ ସୁରେନ୍ଦ୍ର ପ୍ରଧାନ, ସଚିଦାନନ୍ଦ ପାଣିଗାହୀ, ପ୍ରାଣବନ୍ଧୁ ମେଣ୍ଡୁଲି, ଅଜିତ ମହାନ୍ତି, ପ୍ରଭଞ୍ଜନ ମିଶ୍ର, ସୁବୋଧ ମିଶ୍ର, ବନ୍ଦିତା ମିଶ୍ର କ୍ରିମିନାଲ ବାରରେ ନୂତନ ଭାବେ ଯୋଗ ଦେଇଛନ୍ତି।

## ସ୍ୱାଇକର୍ ଏକାଦଶ ଚାମ୍ପିୟନ୍

**ଅନୁଗୋଳ ଅଫିସ, ୧୦।୪**

ଅନୁଗୋଳ ମହାବିନାୟକ ୟୁଥ୍ କ୍ଲବ ପକ୍ଷରୁ ଅମଲାପଡ଼ା ଦୁର୍ଗାମଣ୍ଡପ ଠାରେ ଚାଲିଥିବା ଅଙ୍କୁର ମେମୋରିଆଲ୍ ଷଷ୍ଠ ରାଜ୍ୟସ୍ତରୀୟ ଅମଲାପଡ଼ା କପ୍‌ର ଫାଇନାଲ ମ୍ୟାଚ ରବିବାର ଖେଳାଯାଇଥିଲା। ଏଥିରେ ଏଏଲ୍‌ଜିକୁ ହରାଇ ସ୍ୱାଇକର୍ ଏକାଦଶ ଚାମ୍ପିୟନ ହୋଇଥିଲା।

ସ୍ୱାଇକର ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮୯ ରନ୍ କରିଥିଲା। ଜବାବରେ ପ୍ରତିପକ୍ଷ ଦଳ ଏଏଲ୍‌ଜି ମାତ୍ର ୪୮ ରନ୍ କରି ପରାସ୍ତ ହୋଇଥିଲା। ସ୍ୱାଇକର ଦଳର ରବିକାନ୍ତ ଶ୍ରେଷ୍ଠ ଖେଳାଳି ଓ ସଂଗ୍ରାମ ମାଝି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଫାଇନାଲ ମ୍ୟାଚକୁ ପ୍ରକାଶ କୁମାର ସିଂହ ଓ ଯଶୋବନ୍ତ ସାହୁ ପରିଚାଳନା କରିଥିଲେ। ବୁଲେଶ୍ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଅଶୋକ ଦାସ, ତୁଷାରକାନ୍ତ ପ୍ରଧାନ, ବଳବୀର ସିଂହ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମହାବିନାୟକ କ୍ଲବର ସମ୍ପାଦକ ଶିବାନୀ ଶଙ୍କର ଗୌଡ଼ ଧନ୍ୟବାଦ୍ ଅର୍ପଣ କରିଥିଲେ।




ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ଅଟୋରେ ଆସୁଥିଲେ, ମୋବାଇଲ ଲୁଟୁଥିଲେ

**ଅନୁଗୋଳ ଅଫିସ, ୧୦।୪**




ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

- ଅନୁଗୋଳ ପୋଲିସ ହାତରେ ଲୁଟେରା ଗ୍ୟାଙ୍ଗ
- ୪ ଗିରଫ, ୨୯ ଫୋନ ଜବତ
- ସୁଧାର ଗୃହକୁ ଗଲେ ଜଣେ ନାବାଳକ

ଅନୁଗୋଳ ସାପ୍ତାହିକ ହାଟରୁ ଏକ ମୋବାଇଲ ଚୋରି ଗ୍ୟାଙ୍ଗକୁ କାବୁ କରିଛି ଅନୁଗୋଳ ପୋଲିସ। ଏହି ଗ୍ୟାଙ୍ଗରେ ଥିବା ସ୍ଥାନୀୟ ଅଞ୍ଚଳର ୨ ଜଣ ଓ ପଶ୍ଚିମବଙ୍ଗର ୩ ଜଣଙ୍କୁ ପୋଲିସ ଧରିଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ସମ୍ପୃକ୍ତ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ବେଳେ ଅନ୍ୟ ୪ ଜଣ ପଶ୍ଚିମବଙ୍ଗ ଦୁର୍ଗାପୁରର ଭିକି କୁମାର ନୋନିଆ(୨୪), ରୋହିତ କୁମାର ନୋନିଆ(୨୦), ଅନୁଗୋଳ ତୁରଙ୍ଗ ଅଞ୍ଚଳର ଶୁଭମ ବିଶ୍ୱାଳ(୨୪) ଓ ପୁରୁଣାକୋଟ ଥାନା କୋଠଭୂଇଁ ଅଞ୍ଚଳର ଅମରଜ୍ୟୋତି ବିଶ୍ୱାଳ(୨୫)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ୨୯ଟି ମୋବାଇଲ ଫୋନ୍, ଏକ ଅଟୋ (ନଂ. ଓଡି୧୯ଇ-୯୪୧୦)କୁ ଜବତ କରାଯାଇଛି।

ପ୍ରକାଶ ଯେ, ବାହାରୁ ଆସି ଏକ ଗ୍ୟାଙ୍ଗ ଅନୁଗୋଳ ସହରରେ ମୋବାଇଲ ଚୋରି କରୁଥିବା ନେଇ ଖବର 'ଧରିତ୍ରୀ'ରେ ପ୍ରକାଶ ପରେ ପୋଲିସ ବିଭିନ୍ନ ହାଟ ଉପରେ ନଜର ରଖିଥିଲା। ରବିବାର ହାଟରୁ ୩ଟି ମୋବାଇଲ ଚୋରି ହୋଇଥିଲା। ଏହାପରେ ସ୍ଥାନୀୟ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ରେ ରହୁଥିବା ନିମାଇଁ ଚରଣ ମହାପାତ୍ରଙ୍କ ମୋବାଇଲ ଚୋରି ସମୟରେ ଜଣେ ନାବାଳକ ଧରାପଡ଼ିଥିଲେ। ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କ ସହ ପଶ୍ଚିମବଙ୍ଗର ୨ ଜଣ ଲୁଟେରାଙ୍କୁ ସେଠାରୁ କାବୁ କରିଥିଲା। ସେମାନଙ୍କୁ ପଚରାଉଚରା ବେଳେ ପୋଲିସକୁ ଅଧିକ ତଥ୍ୟ ମିଳିଥିଲା। ଏକ ଡାଲା ଅଟୋରେ ଚୋରି ହୋଇଥିବା ବହୁ ମୋବାଇଲ ରହିଥିବା ଜଣାପଡ଼ିବା ପରେ ଉକ୍ତ ଅଟୋକୁ ଯାଞ୍ଚ କରି ସେଥିରୁ ୨୫ଟି ଫୋନ୍ ପୋଲିସ ପାଇଥିଲା। ଏଥିସହ ରବିବାର ହାଟରୁ ଚୋରି ହୋଇଥିବା ୪ଟି ଫୋନକୁ ମଧ୍ୟ ଜବତ କରିଥିଲା। ଏହି ଗ୍ୟାଙ୍ଗର ସଦସ୍ୟମାନେ ପ୍ରଥମେ ଅନୁଗୋଳ ପୁରୁଣାକୋଟର ଅମରଜ୍ୟୋତିଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ସେ ତୁରଙ୍ଗ ଅଞ୍ଚଳର ଶୁଭମଙ୍କୁ ଏହି କାର୍ଯ୍ୟରେ ଲଗାଇଥିଲେ। ସେମାନେ ଅନୁଗୋଳର ପ୍ରତିଟି ହାଟକୁ ଡାଲା ଅଟୋରେ ଯାଉଥିଲେ। ଅଟୋ ଚାଳକଙ୍କୁ ୫ଶହ ଟଙ୍କାର ତେଲ ଓ ଭଡ଼ା ବାବଦକୁ ୨ ହଜାର ଟଙ୍କା ଦେଉଥିଲେ। ମୋବାଇଲ ଚୋରି ପରେ ତାହାକୁ ଶୁଭମ୍‌ଙ୍କ ହାତରେ ଅଟୋ ନିକଟକୁ ପଠାଉଥିଲେ। ଶୁଭମ୍ ଅଟୋରେ ଚୋରା ମୋବାଇଲ ଗୁଡ଼ିକ ଆଣି ଅମରଜ୍ୟୋତିଙ୍କୁ ପ୍ରଦାନ କରୁଥିଲେ। ଏହି ମାମଲାର ଅଧିକ ତଦନ୍ତ ଅନୁଗୋଳ ଥାନା ଏସ୍‌ଆଇ ଅମିତ୍ ମିଶ୍ର କରୁଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜେସିବି ଡ୍ରାଇଭର ମୃତ

ସାତମାଇଲ, ୧୦।୪(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ହିନ୍ଦୋଳ-ଗୁଡ଼ିଆକାଟେଣୀ ରାସ୍ତାର ପତଳା ଗ୍ରାମ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ଏକ ଦ୍ରୁତଗାମୀ ଗାଡ଼ି ଧକ୍କାରେ ଜଣେ ଜେସିବି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁଡ଼ିଆକାଟେଣୀ ଡ୍ରାଇଭର ମୁନା ସାହୁ (୨୧)। ସେ ନିଜର କାର୍ଯ୍ୟ ସାରି ବାଇକ୍‌ରେ ଘରକୁ ଫେରିବା ବେଳେ ଗୁଡିଆକାଟେଣୀରୁ ହିନ୍ଦୋଳ ଅଭିମୁଖେ ଯାଉଥିବା ଉକ୍ତ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ୫୬ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

କାମାକ୍ଷାନଗର, ୧୦।୪(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ କାର୍ଯ୍ୟାଳୟରେ ସୋମବାର ପଟ୍ଟାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋଟ ୫୬ ଜଣଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ତନ୍ମଧ୍ୟରେ ୪୧ ଜଣଙ୍କୁ ଗୁଣ୍ଠିକିଆ ଏବଂ ଅବଶିଷ୍ଟ ୧୫ଜଣଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ପ୍ରଦାନ କରାଯାଇଥିଲା। ରାଜ୍ୟରେ ଯେପରି କେହି ଭୂମିହୀନ ରହିବେ ନାହିଁ, ସେଥିଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ଅତିରିକ୍ତ ତହସିଲଦାର ଝସକେତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

ଢେଙ୍କାନାଳ ଅଫିସ, ୧୦।୪: ଢେଙ୍କାନାଳ ମହାବୀର ବଜାର ଅଞ୍ଚଳରୁ ସୋମବାର ପୂର୍ବାହ୍ନ ୧୧ଟାରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଉକ୍ତ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ପଟ୍ଟନାୟକ। ସେ ଘର ନିକଟରେ ଥିବା ମେଡିସିନ ଦୋକାନକୁ ଯାଉଥିବାବେଳେ ଏକ ସ୍କୁଟିରେ ଦୁଇଜଣ ଯୁବକ ତାଙ୍କର ପିଛା କରିଥିଲେ। କିଛି ଭାବିବା ଆଗରୁ ହଠାତ୍ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ୍ ମାରିଥିଲେ। ଦୁର୍ବୃତ୍ତମାନେ ଠେଲି ଦେବାରୁ ଶାନ୍ତିଲତା ଛିଟିକି ପଡ଼ି ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଉଛି। ତେବେ ଏ ନେଇ ରାତି ୯ଟା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# ଖାତାଦେଖାକୁ ବିଦ୍ୟୁତ୍ ବିଭ୍ରାଟ ଅଡୁଆ

- ଢେଙ୍କାନାଳରେ ଯୁକ୍ତ ୨ ମୂଲ୍ୟାୟନ ବାଧାପ୍ରାପ୍ତ
- ନିର୍ଦ୍ଧାରିତ ସମୟରେ ସରିବା ନେଇ ଆଶଙ୍କା

ଢେଙ୍କାନାଳ ଅଫିସ, ୧୦।୪



ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୋମବାରଠାରୁ ଆରମ୍ଭ ହୋଇଥିବା ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ଖାତା ଦେଖା ବାଧାପ୍ରାପ୍ତ ହୋଇଛି। ଏଭଳି ଲାଗି ରହିଲେ ନିର୍ଦ୍ଧାରିତ ସମୟରେ ମୂଲ୍ୟାୟନ ସରିବ ନାହିଁ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି କଲେଜ କର୍ତ୍ତୃପକ୍ଷ।

ଢେଙ୍କାନାଳ କଲେଜରେ ଅଫ୍‌ଲାଇନ୍ ଖାତାଦେଖାରେ ୧୦୭ ଏବଂ ଅନ୍‌ଲାଇନ୍ ଖାତାଦେଖାରେ ୨୮ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ମେ’ ମାସ ସୁଦ୍ଧା ପରୀକ୍ଷା ଫଳ ବାହାରିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ସହରରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରାଯାଉଥିବାରୁ ସକାଳୁ ଦୀର୍ଘ ସମୟ ଯାଏ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ତେଣୁ ଖାତାଦେଖା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପରୀକ୍ଷାଖାତା ମୂଲ୍ୟାୟନ ବେଳେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଯୋଗାଇ ଦେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଛି। ତଥାପି ଏଭଳି ବିଭ୍ରାଟ ଚିନ୍ତାର କାରଣ ପାଲଟିଛି।

ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନ କୁହନ୍ତି, ଢେଙ୍କାନାଳ କଲେଜରେ ୨ ପର୍ଯ୍ୟାୟରେ ଯୁକ୍ତ୨ ଖାତାଦେଖା ହେବ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୦ରୁ ୨୨ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୨୫ରୁ ମେ ୭ ଯାଏ ଏହା ଜାରି ରହିବ। ପ୍ରଥମ ଦିନରେ ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୦% ଶିକ୍ଷୟିତ୍ରୀଶିକ୍ଷକ ପହଞ୍ଚିଥିଲେ। ତେବେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଅନ୍‌ଲାଇନ୍ ଖାତାଦେଖା ପ୍ରଭାବିତ ହୋଇଛି। ଏ ନେଇ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ଏବଂ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏଭଳି ବିଭ୍ରାଟ ଜାରି ରହିଲେ ମୂଲ୍ୟାୟନ ନିର୍ଦ୍ଧାରିତ ସମୟରେ ସରିବ ନାହିଁ ବୋଲି କଲେଜ ଅଧ୍ୟକ୍ଷ କହିଛନ୍ତି।

# ଆଗ୍ରହ ଦେଖାଇଲେ ସ୍କୁଲଛାତ୍ରୀ

## ଜଳବାୟୁ ପରିବର୍ତ୍ତନ ଓ ପ୍ରତିକାର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୧୦।୪

ଅନୁଗୋଳ ଜିଲାର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ବନ୍ତଳା ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରତିକାର ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରିତା ପ୍ରଧାନ, ଅନୁଷ୍ଠାନର ସୁବ୍ରତ କୁମାର ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ କୁମୁଦିନୀ ନନ୍ଦ, ସୂଚିସ୍ମିତା ପ୍ରଧାନ, ସରୋଜିନୀ ସାହୁ, ସବିତା ପ୍ରଧାନ, ସୁଜାତା ପ୍ରଧାନ ଏବଂ ସୁଜାତା ବେହେରା ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ କ’ଣ, ଏହାର କାରଣ, ପ୍ରଭାବ ଓ ପ୍ରତିକାର ସମ୍ବନ୍ଧରେ ଛାତ୍ରୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ଘରେ ଶକ୍ତି ସଂରକ୍ଷଣ, ଖାଦ୍ୟ ନଷ୍ଟକୁ ସମ୍ପୂର୍ଣ୍ଣ ଏଡାଇବା ଅଭ୍ୟାସ, କଞ୍ଚା ପନିପରିବା ଓ ପ୍ରକୃତିରୁ ସିଧାସଳଖ ମିଳୁଥିବା ଖାଦ୍ୟକୁ ପ୍ରାଧାନ୍ୟ, ଏକକ ପ୍ଲାଷ୍ଟିକ ବର୍ଜନ, କପଡା ବ୍ୟାଗ ବ୍ୟବହାର, ପୋଷାକ ପତ୍ର, ବ୍ୟାଗ, ଜୋତା, ଚପଲ ସହ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷକୁ ଶେଷସ୍ତର ପର୍ଯ୍ୟନ୍ତ ବ୍ୟବହାର ଏବଂ ଚାରା ରୋପଣ ଓ ପୋଷଣ ଅଭ୍ୟାସକୁ ଉତ୍ସାହର ସହ ଆପଣେଇବାକୁ ଛାତ୍ରୀମାନେ ଆଗ୍ରହ ପ୍ରକାଶ କରିଥିଲେ। ରାଜେଶ ରଞ୍ଜନ ସାହୁ, ପିଣ୍ଟୁ ବେହେରା ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରିଥିଲେ।




# ବେଲଟିକିରି ଚାମ୍ପିୟନ୍



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଢେଙ୍କାନାଳ ଅଫିସ, ୧୦।୪

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି କଲେଜ ପଡ଼ିଆରେ ଚାଲିଥିବା ରାତ୍ରକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ନେଉଳପୋଇକୁ ହରାଇ ବେଲଟିକିରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବନ ଉନ୍ନୟନ ନିଗମ ଉପଦେଷ୍ଟା ଦେବୀପ୍ରସାଦ ଭୂତିଆ, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ସାମାଜିକ କର୍ମୀ ଦିଲୀପ ସାମଲ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିଶ୍ୱଜିତ୍ ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ଏବଂ ସିପୁ ‘ମ୍ୟାନ୍ ଅଫ୍ ଦି ସିରିଜ’ ବିବେଚିତ ହୋଇଥିଲେ। ଏକଲବ୍ୟ ଦେହୁରୀ, ପ୍ରଭାତ ସାହୁ ଖେଳ ପରିଚାଳନା କରିଥିଲେ।

# କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ ଦାବି




ସାତମାଇଲ, ୧୦।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧ ଅଞ୍ଚଳରେ ପ୍ରତିଷ୍ଠିତ ରୁଙ୍ଗ୍‌ଟା ମାଇନ୍ସ କମ୍ପାନୀର ପାରିପାର୍ଶ୍ୱିକ ଗ୍ରାମର ବିକାଶ ନିମନ୍ତେ ଆଞ୍ଚଳିକ ଉନ୍ନୟନ ମହାସଂଘ ଝାଡ଼ବନ୍ଧ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିପୂର୍ବରୁ ଏକ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ତେଣୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦିଆଯାଇଛି। ଜମିହରା ପ୍ରଜାଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କର୍ମସଂସ୍ଥାନ ଯୋଗାଇଦେବା, କମ୍ପାନୀ ଆଖପାଖ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ପ୍ରଶାସନିକସ୍ତରରେ ତ୍ରିପାକ୍ଷିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ମହାସଂଘ ସଭାପତି ପ୍ରକାଶ ବେହେରା, ସମ୍ପାଦକ ଯଶୋବନ୍ତ ରଣଜିତ୍‌ରାୟ, କଡଲା ସରପଞ୍ଚ ଅନୁପମା ନାଥ, କନ୍ତାମିଲା ସରପଞ୍ଚ ଝିଲି ସେଠୀ, ଗୁଲେହି ସରପଞ୍ଚ ରୀତାଞ୍ଜଳି ସାହୁ ପ୍ରମୁଖ ଦାବି କରିଛନ୍ତି।

# ୧୭ରେ ଘଣ୍ଟିକିଆ ଏନ୍‌ଏଚ୍ ଅବରୋଧ

ଢେଙ୍କାନାଳ ଅଫିସ, ୧୦।୪

କଟକ ଜିଲା ମଙ୍ଗୁଳିଠାରୁ ଢେଙ୍କାନାଳ–ଅନୁଗୋଳ ଦେଇ ସମ୍ବଲପୁରକୁ ସଂଯୋଗ କରିଥିବା ୫୫ନଂ. ଜାତୀୟ ରାଜପଥ ଏବଂ ପରଜଙ୍ଗ ବ୍ଲକ ପିଟିରି ଛକଠାରୁ କେନ୍ଦୁଝରକୁ ସଂଯୋଗ କରୁଥିବା ୧୪୯ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବିତ ହୋଇଚାଲିଛି। କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ପାଇଁ ପୂର୍ବରୁ ବହୁ ଦାବି, ଆନ୍ଦୋଳନ ହୋଇଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଦିନ ଗଡ଼ାଇ ଚାଲିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୧୭ ତାରିଖ ସକାଳ ୮ଟାରୁ ୯ଟା ଯାଏ ଘଣ୍ଟାଏ ଧରି ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଏନ୍‌ଏଚ୍ ଅବରୋଧ କରାଯିବ। ସେଠାରେ ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ କରାଯିବ ବୋଲି ଏମ୍‌ପି ମହେଶ ସାହୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ ଏବଂ ଅନୁଗୋଳ ଜିଲାବାସୀଙ୍କ ଜୀବନରେଖା ଭାବେ ପରିଚିତ ୫୫ନଂ. ଜାତୀୟ ରାଜପଥ ଏବଂ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ୧୪୯ ଜାତୀୟ ରାଜପଥ କାମ ସରୁ ନ ଥିବାରୁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଧୂଳି ଉଡ଼ି ଯାତାୟାତ ପ୍ରଭାବିତ ହେଉଥିବାବେଳେ ଅନେକ ସମୟରେ ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ରାସ୍ତାକାମରେ ଜମି ହରାଇଥିବା ବ୍ୟକ୍ତି ଏ ଯାଏ କ୍ଷତିପୂରଣ ପାଇପାରିନାହାନ୍ତି। ଏ ସବୁ ସମସ୍ୟା ନେଇ ଏମ୍‌ପି ସାହୁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏହାକୁ ଖାମଖିଆଲ ଭାବେ ନେଉଛନ୍ତି। ଏହାର ପ୍ରତିବାଦରେ ଏପ୍ରିଲ ପ୍ରଥମ ସପ୍ତାହ ପରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଏମ୍‌ପି ଚେତାବନୀ ଦେଇଥିଲେ। ତଦନୁଯାୟୀ ଆସନ୍ତା ୧୭ ତାରିଖରେ ବିଭିନ୍ନ ସ୍ଥାନରେ ଘଣ୍ଟିକିଆ ରାସ୍ତାରୋକୋ କରାଯିବ ବୋଲି ଏମ୍‌ପି ସାହୁ କହିଛନ୍ତି।

# ଶିକ୍ଷାନୁଷ୍ଠାନରେ ସଂଖ୍ୟାଲଘୁ ଛାତ୍ରଙ୍କୁ ନିର୍ଯାତନା

## ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ଢେଙ୍କାନାଳ ଅଫିସ, ୧୦।୪

ଢେଙ୍କାନାଳ ସହର ୫୫ନଂ. ଜାତୀୟ ରାଜପଥ ପାଞ୍ଚକାହାଣିଆ ନିକଟରେ ଥିବା ଏକ ଘରୋଇ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ୭ମ ଶ୍ରେଣୀ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାର ସତ୍ୟାସତ୍ୟ ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବା ଲାଗି ଜିଲାପାଳ ସରୋଜ କୁମାର ସେଠୀ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ୨ବର୍ଷ ତଳେ କରୋନାରେ ଆକ୍ରାନ୍ତ ହୋଇ ସମ୍ପୃକ୍ତ ଛାତ୍ରଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ନିକଟରେ କ୍ୟାନ୍‌ସର ଆକ୍ରାନ୍ତ ମା’ ମଧ୍ୟ ଆରପାରିକୁ ଚାଲିଯାଇଛନ୍ତି। ମା’ ରୋଗଶଯ୍ୟାରେ ପଡ଼ିଥିବାବେଳେ ଛାତ୍ରଙ୍କ ସ୍ଥାନୀୟ ଅଭିଭାବକ ବିଦ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। ଶେଷ ସମୟରେ ମା’ଙ୍କୁ ଦେଖା କରିବା ଲାଗି ଛାତ୍ରଙ୍କୁ ଛାଡ଼ିବା ପାଇଁ ନିବେଦନ କରିଥିଲେ। ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାଡ଼ି ନ ଥିଲେ। ଓଲଟି ମାନସିକ ନିର୍ଯାତନା ଦେବା ସହ ଗାଳିଗୁଲଜ କରିଥିଲେ। ଜଣେ ସହପାଠୀ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରୁ କେତେକ ଆପତ୍ତିଜନକ ତଥ୍ୟ ପୋଷ୍ଟ କରିଥିବାବେଳେ ଛାତ୍ର ଜଣକ ଏଥିରେ ଲାଇକ୍ କରିଥିଲେ। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ତାଙ୍କୁ ମାନସିକ ନିର୍ଯାତନା ଦେଇଥିବା ସମ୍ପୃକ୍ତ ଅଭିଭାବକ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେବଳ ଏତିକି ନୁହେଁ, ସ୍କୁଲ ଲିଭିଂ ସାର୍ଟିଫିକେଟ୍ ଆଣିବାକୁ ଯାଇଥିବାବେଳେ ଛାତ୍ରଙ୍କ ଚରିତ୍ର ଖରାପ ବୋଲି ଲେଖି ଦେଇଦେବେ ବୋଲି ଧମକାଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶରେ କାର୍ଯ୍ୟାଳୟର ଜଣେ ଅଧିକାରୀ ସ୍କୁଲ ଅଧ୍ୟକ୍ଷଙ୍କଠାରୁ ଏହାର କାରଣ ଜାଣିବା ପାଇଁ ଉଦ୍ୟମ କରିଥିଲେ। ତେବେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ସ୍କୁଲ ଅଧ୍ୟକ୍ଷଙ୍କ ମତାମତ ମିଳିପାରିନାହିଁ। ପରିଚାଳନା କମିଟି ପ୍ରୋଚେୟାରମ୍ୟାନ୍ ବିନୋଦ କୁମାର ଦାଶ କୁହନ୍ତି, ଏଭଳି ହୋଇଥିବ ବୋଲି ଲାଗୁନାହିଁ। ଅଧ୍ୟକ୍ଷ କେବେ ବି ଏଭଳି କରି ନ ଥିବେ। ଯଦି ସେଭଳି କିଛି ହୋଇଥିବ ତେବେ ଆଇନ ତା’ ବାଟରେ ଯିବ। ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଶିକ୍ଷାନୁଷ୍ଠାନର ଜଣେ ସଂଖ୍ୟାଲଘୁ ଛାତ୍ରଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପ୍ରଦାନ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ କୁହନ୍ତି, ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଏହାର ରିପୋର୍ଟ ଦିଆଯିବ।

# ୧୦ ଦିନରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଢେଙ୍କାନାଳ ଅଫିସ, ୧୦।୪




ଆନ୍ଦୋଳନରତ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ।

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକଳାପ ଏବଂ ଯୁକ୍ତ ୨ ପ୍ରଥମ ବର୍ଷର ୫୧ ଛାତ୍ରୀଛାତ୍ର ଫେଲ୍ ହେବା ପ୍ରତିବାଦରେ ଶିକ୍ଷାନୁଷ୍ଠାନ ଫାଟକ ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ସୋମବାର ୧୦ମ ଦିନରେ ପହଞ୍ଚିଛି। ସମସ୍ୟା ସମାଧାନ ଦିଗରେ ପ୍ରଶାସନ କିମ୍ବା ସ୍କୁଲ କର୍ତ୍ତୃପକ୍ଷ ଆନ୍ତରିକତା ଦେଖାଉ ନ ଥିବାରୁ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ସ୍ଥାୟୀ ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି। ପାଠପଢ଼ାରେ ୩–୪ଜଣ ଠିକା ଅତିଥି ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ତରବରିଆ ଭାବେ କୋର୍ସ ଶେଷ କରାଯାଇଥିବାରୁ ପିଲାମାନଙ୍କ ପରୀକ୍ଷା ଫଳ ଖରାପ ହୋଇଥିଲା। ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଏହାର ପ୍ରତିବାଦରେ ସମ୍ପୃକ୍ତ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ୧୦ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଜିଲାପାଳ ଏହାର ସମାଧାନ ପାଇଁ ୪ଦିନ ସମୟ ମାଗିଥିଲେ। ତଥାପି ନିଷ୍କର୍ଷ ବାହାରି ପାରୁନାହିଁ। ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏହାର ସମାଧାନ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ। ପିଲାମାନେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଅଭିଭାବକ ପ୍ରଦ୍ୟୁମ୍ନ କୁମାର ନାୟକ ଦାବି କରିଛନ୍ତି।

# ୫ ଦିନ ଜିଲା ବୁଲିବ ଶିକ୍ଷା ରଥ

## ଶିକ୍ଷାରେ ଜିଲାକୁ ୧ ନମ୍ବର କରିବାକୁ ଆହ୍ୱାନ

ଢେଙ୍କାନାଳ ଅଫିସ, ୧୦।୪

‘ଆଜିର ଆହ୍ୱାନ–ସମସ୍ତଙ୍କୁ ଶିକ୍ଷା’। ଏଭଳି ମହତ୍ ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରୁ ସୋମବାରଠାରୁ ଶୁଭାରମ୍ଭ ହୋଇଛି ଶିକ୍ଷା ସଚେତନତା ରଥ। ଏହା ୫ ଦିନ ଧରି ଜିଲା ପରିକ୍ରମା କରି ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବ। ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିକ୍ଷା ବିକାଶର ମୂଳମନ୍ତ୍ର। ଜିଲାର ଜଣେ କେହି ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତି, ସେଥିଲାଗି ସମସ୍ତେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ଶିକ୍ଷା କ୍ଷେତ୍ରରେ ଜିଲାକୁ ୧ ନମ୍ବର ଭାବେ ଗଢ଼ି ତୋଳିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି କହିଲେ, ଜିଲାର ଉପାନ୍ତ ଅଞ୍ଚଳରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଉଛି। ଜିଲା ପରିକ୍ରମାରେ ବାହାରିଥିବା ରଥ ସମଗ୍ରଶିକ୍ଷା କାର୍ଯ୍ୟକ୍ରମରେ ଉପଲବ୍ଧ ସୁବିଧା ସୁଯୋଗ, ବାଲ୍ୟବିବାହ ରୋକିବା ଏବଂ ମୌଳିକ ଅଧିକାର ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ସଦର ବିଡିଓ ସୁଧୀର ନାୟକ, ତହସିଲଦାର ସୁଧାଂଶୁ ଶେଖର ସାଓ, ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ସମେତ ଶିକ୍ଷା ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ପତାକା ଦେଖାଇ ଶିକ୍ଷା ରଥର ଶୁଭାରମ୍ଭ କରୁଛନ୍ତି।

# ୮୫ ପଞ୍ଜୀକୃତ, ୨୮ ସମାଧାନ

## ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି

କାମାକ୍ଷାନଗର, ୧୦।୪(ଡି.ଏନ୍.ଏ.)




ଅଭିଯୋଗ ଶୁଣାଣି ଶିବିରରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଉପସ୍ଥିତ ରହି ପଞ୍ଜୀକୃତ ହୋଇଥିବା ମୋଟ ୮୫ଟି ଅଭିଯୋଗ ମଧ୍ୟରୁ ୨୮ଟିର ସମାଧାନ କରିଥିଲେ। ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉପସ୍ଥିତ ରହି କହିଲେ, ଜନଅଭିଯୋଗ ଶୁଣାଣି ଜନସାଧାରଣ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନିକଟତର କରାଏ। ହିତାଧିକାରୀଙ୍କ ସମସ୍ୟା ବୁଝି ଏହାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଜୀକୃତ ହୋଇଥିବା ୮୫ଟି ଅଭିଯୋଗ ମଧ୍ୟରୁ ୬୯ଟି ବ୍ୟକ୍ତିଗତ। ସେଥିରୁ ୨୮ଟି ଆବାସ ଯୋଜନା ସମ୍ବନ୍ଧୀୟ। ଅନ୍ୟଗୁଡ଼ିକ ମଧ୍ୟରେ ୮ଟି ଗ୍ରାମ ସମସ୍ୟା, ୫ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ସହାୟତା, ୩ଟି ରେଡ୍‌କ୍ରସ ପାଣ୍ଠିରୁ ସହାୟତା ରହିଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫୦ ହଜାର ଏବଂ ରେଡ୍‌କ୍ରସ୍ ପାଣ୍ଠିରୁ ୧୩ ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିଲା। ଏଥିସହ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ବିଡିଓ ବିକାଶ କୁମାର ମହାନ୍ତି, ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ସିଡିଏମ୍‌ଓ ଡା.ଅଶୋକ କୁମାର ଦାଶ, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣିଙ୍କ ସମେତ ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

